ବେଆଇନ ମଦ ବିକ୍ରି ବନ୍ଦ ପାଇଁ ଅଣ୍ଟା ଭିଡିଲେ ମହିଳା

କେନ୍ଦ୍ରାପଡ଼ା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଗ୍ରାମରେ ବେଆଇନ ଭାବେ ମଦ ବିକ୍ରି ଦିନକୁ ଦିନ ବଢିବାରେ ଲାଗିଛି । ଜିଲ୍ଲା ଅବକାରୀ ବିଭାଗ ଜାଣିଥିଲେ ମଧ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଅଭିଯୋଗ ହେଉଛି । କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅ’ର୍ଗତ ପାଇଲୋ ଗ୍ରାମର ଶତାଧିକ ମହିଳା ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ଗ୍ରାମରେ ଦୀର୍ଘଦିନ ହେଲା ବେଆଇନ ଭାବେ ମଦ ବିକ୍ରି ହେଉଥିବା ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ସେହି ଗ୍ରାମର ପିତାମ୍ବର ବେହେରା ଏବଂ ତାଙ୍କ ପତ୍ନୀ ଦୀର୍ଘଦିନ ହେଲା ବେଆଇନ ଭାବେ ମଦ ବିକ୍ରି କରି ଆସୁଥିବାରୁ ଏ ବିଷୟରେ ଜିଲ୍ଲା ଅବକାରୀ ବିଭାଗ, ପାଟକୁରା ଥାନାରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ ଏମାନେ କୌଣସି ପଦକ୍ଷେପ ନ ନେବାରୁ ଉକ୍ତ ଅଂଚଳରେ କଲେଜର ଛାତ୍ର କୁ ସଙ୍ଗତାର ଶୀକାର ହୋଇ ମଦ୍ୟପାନ କରୁଛନ୍ତି । ଏଥି ସହିତ ଉକ୍ତ ରାସ୍ତାରେ ଯାତାୟତ କରୁଥିବା କଲେଜ ଛାତ୍ରୀ ଓ ଗ୍ରାମର ମହିଳା ମନାଙ୍କୁ ମଦ୍ୟପମାନେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି । ମଦ ବିକ୍ରି କରୁଥିବା ଦମ୍ପତିଙ୍କୁ ଗ୍ରାମର ଭଦ୍ରବ୍ୟକ୍ତି ମାନେ ଡାକି ବାରମ୍ବାର ତାଗିଦା କରିଥିଲେ ଯେ, ଗାଁ ଭିତରେ ମଦ ବିକ୍ରି କରି ପରିବେଶ ନଷ୍ଟ କରନାହିଁ । କିନ୍ତୁ ଏହି ଦମ୍ପତି ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ପାଇଁ ପ୍ରତିଶୃତି ଦେଲାପରେ ମଧ ମଦ ବିକ୍ରି ବନ୍ଦ କରୁ ନାହାଁ । ସୋମବାର ଗ୍ରାମର ବିଜୟଲକ୍ଷ୍ମୀ ନାୟକ, ନିରୁପମା ନାୟକ, ଉଷାରାଣୀ ବେହେରା, କଲ୍ୟାଣୀ ସାହୁ, ଉର୍ମିଳା ସାହୁ, କଳ୍ପନା ବର୍ସିଆ, ତପସ୍ୱନୀ ସାହୁ, ସଂଧ୍ୟା ଶୁକ୍ଳା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ପାଇଲେ। ଗ୍ରାମରେ ବିକ୍ରି ହେଉଥିବା ବେଆଇନ ମଦ ବନ୍ଦ ବିକ୍ରି ବନ୍ଦ କରିବା ସହିତ ଉକ୍ତ ଦମ୍ପତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଲିଖିତ ଦାବି ଜଣାଇଛନ୍ତି । ନଚେତ୍ ଗ୍ରାମର ମହିଳା ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ନାବାଳିକାକୁ ଅସଦାଚରଣ ଅଭିଯୋଗ: ୪ ଅଟକ

ଡେରାବିଶ, (ସବ୍ୟୁ): ଡେରାବିଶ ବ୍ଲକ ଦାନପୁର ପଂଚାୟତର ଜନୈକ ନାବାଳିକାକୁ ଅସଦାଚରଣ ଅଭିଯୋଗରେ ୪ଜଣ ଯୁବକଙ୍କୁ ସଦରଥାନା ପୋଲିସ ଗିରଫ କରିଛି । ଅଭିଯୋଗରୁ ପ୍ରକାଶ ଯେ ଦାନପୁର ଅଂଚଳର ସମ୍ପୃକ୍ତ ନାବାଳିକା ୧୦ମ ଶ୍ରେଣୀର ଛାତ୍ରୀ ହୋଇଥିବା ବେଳେ ସ୍କୁଲକୁ ଯିବା ବାଟରେ ସ୍ଥାନୀୟ ବନ୍ଧପଡା ଗ୍ରାମର ମିଲୁ ନାୟକ ନାମକ ଯୁବକ ଅଶ୍ଳିଳ ଇଂଗିତ କରିବା ସହ ବିଭିନ୍ନ ସମୟରେ ଧମକଚମକ ଦେଇଆସୁଥିଲା । ଏପରିକି ଘଟଣା ଦିନ ସଂଧ୍ୟାରେ ସମ୍ପୃକ୍ତ ନାବାଳିକା ସ୍ଥାନୀୟ କଲେଜ ଛକରୁ ଘରକୁ ଫେରୁଥିବା ସମୟରେ ତିନିଛକ ଇଟାଭାଟି ନିକଟରେ ଥିବା ନିରୋଳା ସ୍ଥାନରେ ମିଲୁ ନାୟକ ସମେତ ଅନ୍ୟ ତିନି ଜଣ ଯୁବକ ସମ୍ପୃକ୍ତ ନାବାଳିକାକୁ ଜବରଦସ୍ତ ଅପହରଣ କରି ଦୁଷ୍କର୍ମ ଉଦ୍ୟାମ କରିଥିବା ବେଳେ କୌଶଳକ୍ରମେ ନାବାଳିକା ସେଠାରୁ ଖସି ଆସିଥିଲେ। ଜୀବନରେ ମାରିଦେବାକୁ ଧମକ ମିଳିଥିବା ବେଳେ ସମ୍ପୃକ୍ତ ନାବାଳିକା ଏ ସମ୍ପର୍କରେ ପରିବାର ଲୋକଙ୍କୁ କିଛି କହି ନଥିବା ବେଳେ ସ୍କୁଲଯିବା ବନ୍ଦ କରିଦେଇଥିଲେ । ତେବେ ଏ ସମ୍ପର୍କରେ ପରେ ସମ୍ପୃକ୍ତ ନାବାଳିକାର ପିତାମାତା ଜାଣିବା ପରେ ଗତକାଲି ସଦରଥାନାରେ ଲିଖିତ ଅଭିଯୋଗ କରିବା ପରେ ସଦରଥାନା ପୋଲିସ ବନ୍ଧପଡା ଗ୍ରାମର ମିଲୁ ନାୟକଙ୍କ ସମେତ ଅନ୍ୟତିନିଜଣ ଙ୍କୁ ଗିରଫ କରି ଥାନାରେ ଅଟକ ରଖିବା ସହିତ ଅନୁସନ୍ଧାନ ଜାରିରଖିଥିବା ଜଣାଯାଇଛି ।

ପ୍ରଫୁଲ୍ଲ ପାଠାଗାର ପକ୍ଷରୁ ଶାନ୍ତିଲତା ବାରିକଙ୍କ ସ୍ମୃତିସଭା

ଜଗତସିଂହପୁର,(ସବ୍ୟୁ) : ସ୍ଥାନୀୟ ପୁରୁଣାଗଡ ସ୍ଥିତ ପ୍ରଫୁଲ୍ଲ ପାଠାଗାରରେ ପକ୍ଷରୁ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପାଠାଗାରର ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀ ଏଥିରେ ଅଧକ୍ଷତା କରି ସ୍ୱର୍ଗତ ଶାନ୍ତିଲତା ବାରିକ ଓଡିଶାର ଲତାମଙ୍ଗେସକର ଥିଲେ ବୋଲି କହିଥିଲେ । ଆଲୋଚକ ଭାବେ ଅବସରପ୍ରାପ୍ତ ଅଧାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଶାନ୍ତିଲତା ବାରିକ ଗାଇଥିବା ପ୍ରମୁଖ ଭଜନ ଓ ଜଣାଣ ମୋ ପ୍ରଭୁ ଜଗନ୍ନାଥ ସେ ଯେ କମଳାକାନ୍ତ, ସବୁ ବନ୍ଧନ ମୁଁ ଖୋଲି ଦେଇ ପ୍ରଭୁ , ହେ ଚକାନୟନ ଅଗତିର ଗତି ଦିନ ନାସନ ପ୍ରଭୃତି ଗାଇ ସେ ସାରା ଓଡିଶାରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ଛାଡିଯାଇଛନ୍ତି । ଅନ୍ୟମାନଙ୍କ ମଧରେ ଶିକ୍ଷାବିତ୍ ସତ୍ୟବାଦୀ ଦାସ, ଅଞ୍ଜନ ଜେନା ଓ ବ୍ରହ୍ମାନନ୍ଦ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଶାନ୍ତିଲତା ବାରିକ ଜଗନ୍ନାଥଙ୍କର ପରମ ଭକ୍ତ ଥିଲେ ବୋଲି କହିବା ସହିତ ସ୍ୱର୍ଗତ ବାରିକଙ୍କ ବିୟୋଗ ଓଡିଆ ସଙ୍ଗୀତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତରଖିଥିଲେ । ପ୍ରାରମ୍ଭରେ ଅତିଥିମାନେ ଓ ପାଠାଗାରର ସଦସ୍ୟମାନେ ତାଙ୍କ ଫଟୋଚତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ ।

ଦୁର୍ଘଟଣାରେ ଆହତ ରାଜମିସ୍ତ୍ରୀଙ୍କ ମୃତ୍ୟୁ

ଚଣ୍ଡିଖୋଲ, (ସବ୍ୟୁ): ପଶ୍ଚିମବଙ୍ଗରୁ କଟକ ଯାଉଥିଲା ବେଳେ ଗତ ୩ ତାରିଖ ଦିନ ୧୬ ନମ୍ବର ଜାତୀୟ ରାଜପଥର ବଡଚଣା ଥାନା ଅନ୍ତର୍ଗତ କଡେଇଜକରେ ସଡକ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିସିତ ହେଉଥିବା ଜଣେ ରାଜମିସ୍ତ୍ରୀଙ୍କର ମଙ୍ଗଳବାର ଦିନ ମୃତ୍ୟୁ ଘଟିଛି । ମୃତ୍ୟୁ ବରଣ କରିଥିବା ଏହି ରାଜମିସ୍ତ୍ରୀ ଜଣଙ୍କ ହେଉଛନ୍ତି ପଶ୍ଚିମବଙ୍ଗ ଭୋଟବଗାନ ଲେନ ଅଞ୍ଚଳର ସେକ ରାଜା (୩୪) । ସୂଚନା ମୁତାବକ ସେକ ରାଜା ଗତ ୩ ତାରିଖ ଦିନ ଏକ କାର ଯୋଗେ ପଶ୍ଚିମବଙ୍ଗରୁ କଟକ ଅଭିମୁଖେ ଯାଉଥିଲେ । ୧୬ ନମ୍ବର ଜାତୀୟ ରାଜପଥର କଡ଼ାଇ ଛକ ନିକଟରେ ତାଙ୍କ କାରଟି ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ପାର୍ଶ୍ୱ ଡିଭାଇନରରେ ପିଟି ହୋଇଯାଇଥିଲା । ଫଳରେ ରାଜା ଗୁରୁତର ଆହତ ହୋଇଥିଲେ । ଖବର ପାଇ ବଡ଼ଚଣା

ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବଡ଼ଚଣା ମେଡ଼ିକାଲରେ ଭର୍ତ୍ତି କରିଥିଲା । ପରେ ତାଙ୍କୁ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସିତଧୀନ ଅବସ୍ଥାରେ ୯ ତାରିଖ ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି।

ଅଲ୍ ଓଡ଼ିଶା ପେଣ୍ଟିଂ ଆସୋସିଏସନର ଜରୁରୀ ବୈଠକ

ରଘୁନାଥପୁର,(ସବ୍ୟୁ) : ଅଲ ଓଡିଶା ପେଣ୍ଟିଂ ଆସୋସିଏସନର ଏକ ଜରୁରୀ ବୈଠକ ଆଜି ରଘୁନାଥପୁର ବଜାର ସ୍ଥିତ ମଦନ ମୋହନ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରଘୁନାଥପୁର ବ୍ଲକ ସଭାପତି ଶରତ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ବ୍ଲକର ସମସ୍ତ ଆଇଡି କାର୍ଡଧାରୀ ଚିତ୍ର ଶିଳ୍ପି, ଜିଲ୍ଲା ସଭାପତି, ଉପ ସଭାପତି ଅଭିମନ୍ୟୁ ବେହେରା, ସଂପାଦକ, କୋଷାଧ୍ୟକ୍ଷ ସୌମିତ୍ର ସେନାପତି, ଧୀରେନ୍ଦ୍ରନାଥ ବେହେରା, ବିନୋଦ ବେହେରା, ପ୍ରଶାନ୍ତ ଦାସ, ଅଭିରାମ ମଲ୍ଲିକ, ରମେଶ ଚନ୍ଦ୍ର ଦଳାଇ, ବାପିନା ବେହେରା, କିଶୋର କୁମାର ବେହେରା, ଅଜୟ ଭୋଇ, ଅଜୟ ବେହେରା, ରଂଜନ ସାହୁ, ଅମରେଶ ରାଉତ ଏବଂ ନୂତନ ଆଇଡି କାର୍ଡ ପଂଜିକରଣ ପାଇଁ ଶତାଧୀକ ଆବେଦନକାରୀ ଚିତ୍ର ଶିଳ୍ପିମାନେ ଯୋଗ ଦେଇଥିଲେ। ଏହି ଅବସରରେ ଆସସିଏସନ ପକ୍ଷରୁ କଳାକାର କଲ୍ୟାଣ ବୋର୍ଡ ଗଠନ, ବୋର୍ଡ ମାଧ୍ୟମରେ କାମ ଓ ସାମାଜିକ ସୁରକ୍ଷା, ଠିକାଦାର ପ୍ରଥା ଉଚ୍ଛେଦ, ୬୦ବର୍ଷରୁ ଅଧୀକ ବୟସ୍କ କଳାକାରଙ୍କୁ ପେନସନ ପ୍ରଦାନ, ରଙ୍ଗତୁଳୀ କଳାକାରଙ୍କୁ ବିଶ୍ୱକର୍ମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ଆଦି ଦାବୀ ଗୁଡିକ ସରକାରଙ୍କ ନିକଟରେ ଉପସ୍ଥାପନା ପାଇଁ ସର୍ବ ସମ୍ମତିକ୍ରମେ ଗୃହିତ ହୋଇଥିଲା

ଅବସରକାଳୀନ ସମ୍ବର୍ଦ୍ଧନା

କୁଆଖିଆ, (ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ପଂଚାୟତ ରାଣୀ ମା ଉଚ୍ଚ ବିଦ୍ୟାଳୟ ଅଣଶିକ୍ଷକ କର୍ମଚାରୀ ରବିନାରାୟଣ ପତି (ନଣ୍ଡା ନନା)ଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଗ୍ରାମବାସୀ ତଥା ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ରଶ୍ମୀକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଓଷ୍ଟାର ଯାଜପୁର ଜିଲ୍ଲା ସଭାପତି ସୁନନ୍ଦ କୁମାର ରାଉତ, ମୁଖ୍ୟବକ୍ତା ଭାବେ ହରିପୁର ସାଧନ କେନ୍ଦ୍ର ସଂଯୋଜକ ସୁଦେବ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଶିକ୍ଷକ ନେତା ପବିତ୍ର କୁମାର ପଣ୍ଡା, ରମେଶ ବେହେରା, ଭରତ ଚନ୍ଦ୍ର ନାୟକ, ସରପଂଚଙ୍କ ପ୍ରତିନିଧି ରାମଚନ୍ଦ୍ର ସେଠୀ, ସମିତି ସଭ୍ୟଙ୍କ ପ୍ରତିନିଧି ଅବିନାଶ ରଣା, ନିର୍ମଳ ସାର, ମଦନ ସାର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିଳମଣୀ ସାହୁ, ଅଣଶିକ୍ଷକ ରବି ନନା (ନଣ୍ଡା ନନା)ଙ୍କ କାର୍ଯ୍ୟଧାରା ଅନୁଷ୍ଠାନ ପ୍ରତି ଭଲପାଇବା ସମ୍ପର୍କରେ କହିଥିଲେ । ଏଥିରେ ରସୁଣା ମନ୍ଦାରପୁର ନୂଆମିର୍ଜାପୁର ଗ୍ରାମର ପୁରାତନ ଛାତ୍ର ଛାତ୍ରୀ ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଅବସର ନେଇଥିବା ରବି ନନାଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲେ। କୈଳାଶ ଚନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ପଂଚାନନ ଦାସ, ରଘୁନାଥ ଓଝା, ପ୍ରମୋଦ ସାହୁ ଓ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କମିଟି ସଭ୍ୟ ସଭ୍ୟା ପୁରାତନ ଛାତ୍ର ଛାତ୍ରୀ ପରିଚାଳନାର ସହଯୋଗ କରିଥିଲେ।

ଅଙ୍ଗଦାନ ପାଇଁ ଚୁକ୍ତି କଲେ ସମାଜସେବୀ

ଉଦୟଗିରି ,(ସବ୍ୟୁ) : ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାହାସପୁର (ହଳଦୀପଡା) ଗ୍ରାମର ସମାଜସେବୀ ତ୍ରିଲୋଚନ ସାମଲ ନିଜର ଅଙ୍ଗଦାନ କରିବା ପାଇଁ ଭାରତ ଶରୀର ଅଙ୍ଗଦାନ ସମିତି ମାଧ୍ୟମରେ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି । ମୃତ୍ୟୁ ପରେ ତାଙ୍କ ଅଙ୍ଗ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ କଟକରେ ପାଠପଢା ଓ ଗବେଷଣା କରିବା ପାଇଁ ବ୍ୟବହାର କରାଯିବ ବୋଲି କହିଛନ୍ତି । ଫଳରେ ଭାରତ ଶରୀର ଅଙ୍ଗଦାନ ସମିତି ତରଫରୁ ଶ୍ରୀ ସାମଲଙ୍କୁ ଅଙ୍ଗଦାନ ଶପଥ ପ୍ରମାଣପତ୍ର ପ୍ରଦାନ କରାଯାଇଛି ଓ ଚୁକ୍ତି ଅନୁସାରେ ସେ ତାଙ୍କ ଶରୀରର ବୃକକ୍,ଯକୃତ(ଲିଭର),ହୃତ୍‌ପିଣ୍ଡ,କ୍ଷୁଦ୍ରାନ୍ତ୍ର (ଇଣ୍ଟେଷ୍ଟାଇନ) ଓ ଦୁଇ ଆଖିର କରନିଆ ଦାନ କରିବେ ବୋଲି ସମିତିର ଅଧକ୍ଷ ଡକ୍ଟର ପ୍ରଭାସ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି । ତାଙ୍କର ଏହି ପଦକ୍ଷେପ ମାନବ ସେବା ଦିଗରେ ଯୁବପିଢୀଙ୍କୁ ନିଶ୍ଚିନ୍ତ ଭାବେ ଅନୁପ୍ରାଣୀତ କରିବ।

ଧର୍ମପରାୟଣା ମହିଳାଙ୍କ ପରଲୋକ

କୋରେଇ, (ସବ୍ୟୁ): କୋରେଇ ବ୍ଲକ ଅନ୍ତର୍ଗତ ହଳଦିଗଡ଼ିଆ ଗ୍ରାମପଞ୍ଚାୟତ ହଳଦିଗଡ଼ିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପୁର୍ଣ୍ଣଚନ୍ଦ୍ର ମହାନ୍ତିଙ୍କର ସହଧର୍ମଣୀ ବିଜୟଲକ୍ଷ୍ମୀ ମହାନ୍ତିଙ୍କର ୬୮ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଛି । ମୃତ୍ୟୁ ଖବରପାଇ ହଳଦି ଗଡ଼ିଆଗ୍ରାମପଞ୍ଚାୟତର ସରପଞ୍ଚ ଅନିଲ କୁମାର ମହାପାତ୍ର, ହଳଦିଗଡିଆ ସେବାସମବାୟ ସମିତିର ସଭାପତି ମଦନ ମୋହନ ମହାପାତ୍ର, ସାମ୍ବାଦିକ ପ୍ରହ୍ଲାଦ ଦେଓ,ସାମ୍ବାଦିକ ପ୍ରମୋଦ କୁମାର ପାତ୍ର,ସାମ୍ବାଦିକ ଜିତେନ୍ଦ୍ର କୁମାର ରାଉତ, ସାମ୍ବାଦିକ ଦୟାନିଧି ନାୟକ, କୋରେଇ ମଣ୍ଡଳ ସାହିତ୍ୟ ସଂସଦର ସଭାପତି ନନ୍ଦକିଶୋର ସିଂହ, ସଂପାଦକ ପଣ୍ଡିତ ସୁର୍ଯ୍ୟମଣୀ ଖୁଣ୍ଟିଆ, କମ୍ରେଡ ଆଲୋକ ମହାନ୍ତି, କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ, ଯୁବକବି ସତ୍ୟନାରାୟଣ ମହାନ୍ତି, ହଳଦିଗଡିଆ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ସାହୁ, ଯୁବନେତା ଉଦୟ କୁମାର ସାହୁ ପ୍ରମୁଖ ବାସଭବନରେ ପହଁଚି ଶୋକସନ୍ତପ ପରିବାରକୁ ଆଶ୍ୱସନା ଦେଇଥିଲେ ।

ଆଏଣ୍ଡା ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ

ନିଶ୍ଚିନ୍ତକୋଇଲି, (ସବ୍ୟୁ): ଏହି ବ୍ଲକ ଅଧିନସ୍ଥ କଟିକଟା ପଞ୍ଚାୟତ ଆଏଣ୍ଡା ଗ୍ରାମରେ ଗତ ୬ମାସ ହେବ ବସୁଧା ଯୋଜନାରେ ୧କୋଟି ୬୧ଲକ୍ଷ ୧୧ହଜାର ଟଙ୍କା ଅନୁଦାନରେ ଏକ ଓଭରହେଡ଼ ପାଣି ଟାଙ୍କି ନିର୍ମାଣ ହେବା ସହିତ ୫ଶହରୁ ଉର୍ଦ୍ଧ୍ୱ ପରିବାରଙ୍କ ଘରକୁ ପାଇପ ଓ ଟ୍ୟାପ୍ ସଂଯୋଗ କରାଯାଇଛି । ଗ୍ରୀଷ୍ମର ପ୍ରକୋପ ଦିନକୁ ଦିନ ବଢିଚାଲିଥିଲା ବେଳେ ଭୂପୃଷ୍ଠରୁ ଜଳସ୍ତର କମି କମି ଯାଉଛି । ଯାହାଦ୍ୱାରା ଅନେକ ନଳକୂଅରୁ ସଠିକ୍ ଭାବେ ପାଣି ବାହାରୁନାହିଁ । ଅନେକ ସ୍ଥାନରେ ଖୋଳାଯାଇଥିବା ନଳକୂଅରୁ ଲୌହ ମିଶ୍ରିତ ପାନୀୟ ଉପଯୋଗୀ ପାଣି ବାହାରୁଥିବା ମଧ ଅଭିଯୋଗ ହୋଇଛି । ଏଭଳି ସ୍ଥଳେ ସରକାରଙ୍କ ବସୁଧା ଯୋଜନାରେ ପିଇବା ପାଣି ଟିକେ ପାଇବା ପାଇଁ ଲୋକମାନେ ଅପେକ୍ଷା କରି ରହିଛନ୍ତି । ୬ମାସ ହେବ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ କ’ଣ ପାଇଁ ଉକ୍ତ ପ୍ରକଳ୍ପକୁ ପରୀକ୍ଷା କରାଯାଉନାହିଁ କିମ୍ବା ଜଳ ଯୋଗାଣ ହେଉନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ଏହି ପାନୀୟଜଳ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯାଇନଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ ବୋଲି ଜଣାଯାଇଛି । ଏବେ ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଆଏଣ୍ଡା ରାଜସ୍ୱ ଗ୍ରାମର ବ୍ରଜରାଜପାଟଣା, ପାଟସୁରା ଓ ଆଏଣ୍ଡାର ଲୋକମାନେ ପାନୀୟଜଳ ଟିକେ ପାଇବା ପାଇଁ ବହୁ ହୀନସ୍ତା ହେଉଛନ୍ତି । ସ୍ଥାନୀୟ ସରପଞ୍ଚ ଚିତ୍ତରଂଜନ ମଲିକ ଉକ୍ତ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି । ଏ ସଂକ୍ରାନ୍ତରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଚିନ୍ମୟ ବେହେରାଙ୍କୁ ପଚାରିବାରୁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇଛି ହେଲେ ବିଦ୍ୟୁତ୍ ସଂଯୋଗ ହୋଇନପାରିବାରୁ ଏହା ଚାଲି ପାରୁନାହିଁ । ବିଭାଗୀୟ ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟ କରିବା ପାଇଁ ଠିକାଦାର ଚୟନ କରାଯାଇଛି , ଖୁବ୍ ଶୀଘ୍ର ଏହି ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯାଇ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଛନ୍ତି ।

ଭାରସାମ୍ୟ ହରାଇ ଓଲଟିଲା ୧୮ ଚକିଆ

ଡେରାବିଶ, (ସବ୍ୟୁ): ଡେରାବିଶ ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ ପାରଦ୍ୱିପ ୫ନଂ (କ) ଜାତୀୟ ରାଜପଥର ଅଁଳାବାଙ୍କ ଛକ ନିକଟରେ ଏକ ୧୮ ଚକିଆ ଲୁହା ଗୁଣ୍ଡ ବୋଝେଇ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଓଡି୦୨ସିଇ ୯୫୪୩ ନମ୍ବର ବିଶିଷ୍ଟ ଟ୍ରକଟି ଲୁହାଗୁଣ୍ଡ ବୋଝେଇ କରି ପରାଦ୍ୱିପ ଅଭିମୁଖେ ଦୃତଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁଇ ରାସ୍ତାର ମଝିବାଡାକୁ ଅତିକ୍ରମ କରି ରାସ୍ତା ମଝିରେ ଗାଡିଟି ଓଲଟିଯାଇଥିଲା । ତେବେ ସୌଭାଗ୍ୟ ବସତଃ ସ୍ଥାନୀୟ ଜନସାଧାରଣ ଘଟଣା ସ୍ଥଳରେ ପହଁଚି ଚାଳକଙ୍କୁ ଗାଡି ମଧ୍ୟରୁ ଉଦ୍ଧାର କରିଥିବା ବେଳେ ଚାଳକ ବର୍ତିଯାଇଛି।

ପାନୀୟ ଜଳ ପାଇଁ ୧ କି.ମି ବାଟ ଯାଉଛନ୍ତି ମହିଳା

କେନ୍ଦ୍ରାପଡ଼ା, (ସବ୍ୟୁ): ପ୍ରବଳ ଗ୍ରୀଷ୍ମ ତାପରେ ଜିଲ୍ଲାର ବିଭିନ୍ନ ଅଂଚଳରେ ପାନୀୟ ଜଳର ସମସ୍ୟା ଦେଖା ଦେଇଛି । ଅନେକ ସ୍ଥାନରେ ପାଇପରେ ପାନୀୟ ଜଳ ଆସୁନଥିବା ବେଳେ ଆଉ କେତେକ ଯାଗାରେ ନଳକୂପ ଗୁଡିକ ଅଚଳ ହୋଇ ପଡିଛି । ଯାହା ଫଳରେ ପାନୀୟ ଜଳ ପାଇଁ ଅନେକ ଗ୍ରାମରେ ଜଟିଳ ସମସ୍ୟା ଦେଖା ଦେଇଛି । ସୋମବାର ଡେରାବୀଶ ବ୍ଲକ ଅ’ର୍ଗତ କାଉପଡା ପଂଚାୟତର ଶତାଧିକ ମହିଳା ତାଙ୍କ ଗ୍ରାମର ପାନୀୟ ଜଳର ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟି ପାନୀୟ ଜଳ ଯୋଗାଇ ଦେବାକୁ ଦାବି କରିଛନ୍ତି । କାଉପଡା ପଂଚାୟତର ଗାବର୍ଦ୍ଧନପୁର ଗ୍ରାମର ଶତାଧିକ ମହିଳା ତାଙ୍କ ଗ୍ରାମରେ ଦୀର୍ଘଦିନ ହେଲା ପାନୀୟ ଜଳର ସମସ୍ୟା ରହିଛି । ଏନେଇ ସେ ଡେରାବୀଶ ବିଡିଓ, ଜିଲ୍ଲା ଗ୍ରାମୀଣ ପାନୀୟ ଜଳ ବିଭାଗକୁ ଅବଗତ କରାଇ ଥିଲେ ମଧ ଏପର୍ଯ୍ୟ’ କୌଣସି ସମସ୍ୟାର ସମାଧାନ ନହେବାରୁ ଗ୍ରାମର ମହିଳା ମାନେ ୧ କି.ମି ଦୂର କେନ୍ଦ୍ରାପଡା ବ୍ଲକ ଅ’ର୍ଗତ ବଡଗାଁ କୁ ପାନୀୟ ଜଳ ନେବାକୁ ଆସୁଛନ୍ତି । ତୁର’ ପାନୀୟ ଜଳ ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମର ଗୀତାଳୀ ମହାଁ, କୃଷ୍ଣପ୍ରିୟା ମହାଁ, ତପସ୍ୱନୀ ମହାଁ, ଅଲିଭା ମହାଁ, ଲକ୍ଷ୍ମୀପ୍ରିୟା ମହାଁ, ଶାଁଲତା ମହାଁ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ଗ୍ରାମରେ ପାନୀୟ ଜଳ ଯୋଗାଇ ଦେବାପାଇଁ ଦାବି କରିଛନ୍ତି ।

ମାଡପିଟ୍,୪ ଗିରଫ

ଧର୍ମଶାଳା,(ସ ବ୍ୟୁ) : ଧର୍ମଶାଳା ଥାନା ଅଭୟପୁର ପଂଚାୟତ ଦିଗାମ୍ବରପୁର ଗ୍ରାମରେ ରବିବାର ଜମିବାଡି ବିବାଦକୁ କେନ୍ଦ୍ର କରି ସଙ୍ଗଠିତ ମାଡପିଟ ଘଟଣାରେ ପୁଲିସ ଉଭୟ ଗୋଷ୍ଠିରୁ ୪ ଜଣଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ ଦିଗାମ୍ବରପୁର ଗ୍ରାମର ଶଶା ଖଟୁଆ ୨ଟି ବିବାହ କରିଥିବା ବେଳେ ପ୍ରଥମ ପତ୍ନୀ ଠାରୁ ସେହିଗ୍ରାମର ମାୟାଧର ଖଟୁଆ ଗାଁ ନିକଟରେ ଥିବା ଜମି କିଣିଥିଲେ । ମାୟାଧର ଓ ତାଙ୍କ ଦୁଇପୁଅ କବି ଖଟୁଆ (୩୬), ଛବି ଖଟୁଆ(୩୭) ଉକ୍ତ ଜମିରେ କାମ କରୁଥିବା ବେଳେ ଏହାକୁ ଶଶା ଖଟୁଆଙ୍କ ଦ୍ୱିତୀୟ ପତ୍ନୀଙ୍କ ପୁଅ ବିଦ୍ୟାଧର ଖଟୁଆ ବିରୋଧ କରିଥିଲେ । ଫଳରେ ଉଭୟଙ୍କ ମଧ୍ୟରେ ବଚସା ଓ ମାଡପିଟ ହୋଇଥିଲା । ଏନେଇ ଉଭୟ ଗୋଷ୍ଠି ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ ୨୬୦/୨୪ ଓ ୨୬୧/୨୪ରେ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ବିଜୁ ଛାତ୍ର ଦଳ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

ସାଲେପୁର, (ସବ୍ୟୁ): ବିଜୁ ଛାତ୍ର ଜନତା ଦଳ ସାଲେପୁର ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ଛ ଶିଶୁଆ ସ୍ଥିତ ବିଜେଡି କାର୍ଯ୍ୟାଳୟ ଠାର ସାଲେପୁର ବିଜୁ ଛାତ୍ର ଜନତା ଦଳର ସଭାପତି ଶୁଭମ ଦାଶଙ୍କ ନେତୃତ୍ୱରେ ଦଳର ସଦସ୍ୟମାନେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଓ ଶ୍ରୀ ଜଗନ୍ନାଥଙ୍କ ଫଟଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।ଏହି ଅସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ଥରେ ବିଧାୟକ ଶ୍ରୀ ବେହେରାଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେଡି ପକ୍ଷରୁ ସାଲେପୁର ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିଥିବାରୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ଶୁଭମ ଦାଶ, ଦିବ୍ୟଜିତ ନାୟକ, ଅମିତ ସାହୁ, ରଜତ ବେହେରା,ସୁମନ ନାୟକ, ଆଶୁତୋଷ ଭୂୟାଁ, ମହମଦ ଇଜହାର, ବିଶ୍ୱଜିତ ବେହେରା, ମୋହନ ବେହେରା,ଅନିଲ ପଣ୍ଡା, ରୂପାଲି ପଣ୍ଡା, ଅଭିଷେକ ନାୟକ,ସୟଦ ମୁସାରଫ, ନରେଶ ନାୟକ, ରିଟୁ ମଲିକ,ରୁଦ୍ର ଦାସ,ମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ମନ୍ଦିର ବିଜେସ୍ଥଳରୁ ଶତାଧିକ ଗଛକାଟି ସଫା

ମହାକାଳପଡ଼ା, (ସବ୍ୟୁ): ଚଳିତ ମାସ ୧୪ ତାରିଖରେ ପବିତ୍ର ପଣା ସଂକ୍ରାନ୍ତି । ଏହି ଅବସରରେ ଦରିଆ ପାରି ମା’ ରାମଚଣ୍ଡୀଙ୍କ ପୀଠରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହାକୁ ଦେଖିବାକୁ ହଜାର ହଜାର ମା’ଙ୍କ ଭକ୍ତ ମା’ଙ୍କ ପୀଠକୁ ଆସିଥାନ୍ତି । ପ୍ରଚଣ୍ଡ ରୌଦ୍ର ତାପରୁ ତ୍ରାହି ପାଇବା ପାଇଁ ଯାତ୍ରୀମାନେ ମା’ ରାମଚଣ୍ଡୀଙ୍କ ପୋଖରୀ ଓ ମାଙ୍କ ବିଜେସ୍ଥଳୀରେ ଥିବା ଶତାଧିକ ଗଛ ତଳେ ଏମାନେ ଆଶ୍ରୟ ନେଇଥାନ୍ତି । କିନ୍ତୁ ବଡ଼ ଦୁଃଖର କଥା ବର୍ତମାନ ସୁଦ୍ଧା ମା’ଙ୍କ ମନ୍ଦିର ପୋଖରୀରେ ପାଣି ପଶିନି । ଅପରପକ୍ଷେ ପୋଖରୀ ହୁଡ଼ାରେ ଥିବା ୨୦୦ରୁ ଉର୍ଦ୍ଧ୍ୱ କଂଚା ଗଛକୁ କାଟି ମରୁଭୂମିରେ ପରିଣତ କରାଯାଇଛି । ଏହି ବେଆଇନ କାର୍ଯ୍ୟ କରିବାକୁ ଅନୁମତି ଦେଲା କିଏ ? ମନ୍ଦିର ଟ୍ରଷ୍ଟର ଏଭଳି ଅପରିଣାମ ଦର୍ଶିତା କାର୍ଯ୍ୟକ୍ରମ ପାଇଁ ଯାତ୍ରୀମାନେ ଖରାରେ ଏକ ପ୍ରକାର କଲବଲ ହେବା ନିଶ୍ଚିତ ହୋଇଯାଇଛି । ସେହିପରି ମନ୍ଦିର ବେଢ଼ାରେ ଥିବା ଶହଶହ ବର୍ଷ ତଳର ଚାଖୁଣ୍ଡା ଗଛର ଡାଳକୁ ମଧ କଟାଯାଇଛି । ଭକ୍ତମାନଙ୍କ ପାଇଁ ଶୌଚାଳୟ ବର୍ତମାନ ସୁଦ୍ଧା ପ୍ରସ୍ତୁତି କରାଯାଇନାହିଁ । ଚଳିତ ବର୍ଷ ପ୍ରଚଣ୍ଡ ଖରା ହେବ ବୋଲି ପାଣିପାଗ ବିଭାଗ ସତର୍କ କରିଦେଇଛି । ଗଛ ଛାଇଟିଏ ଭକ୍ତର ସାହାରା ହୋଇଥିବା ବେଳେ ଇଏ କିଭଳିଆ ପଦକ୍ଷେପ ନିଆଗଲା । ପଏଣୁ ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ମା’ ରାମଚଣ୍ଡୀ ସେନା ଓ ମା’ଙ୍କ ଭକ୍ତ ମହଲରୁ ଦାବି ହେଉଛି ।

ଅଲିଭ ରିଡ୍‌ଲେଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଶେଷ

୬ ଦିନରେ ୩ ଲକ୍ଷ ୧ ହଜାର ୧୫୯ ଅଣ୍ଡାଦାନ

ରାଜନଗର, (ସବ୍ୟୁ): ବିରଳ ଅଲିଭ ରିଡଲେ କଇଁଛ ମାନଙ୍କ ଏକୁଡିଶାଳ ଗହୀରମଥା ଲକ୍ଷ ଲକ୍ଷ ମାଆ କଇଁଛଙ୍କ ଅଣ୍ଡାଦେବା ପକ୍ରିୟାରେ ଚଳଚଂଚଳ ହୋଇପଡିଛି । ଚଳିତମାସ ୨ ତାରିଖ ଠୁଁ ଆରମ୍ଭ ହୋଇଥିବା ଏହି ସମୂହ ଅଣ୍ଡାଦାନ ପ୍ରକ୍ରିୟା ଶେଷ ହୋଇଛି । ପାଗର ଅନୁକୂଳର ସୁଯୋଗ ନେଇ ୨ ତାରିଖ ଦିନ ୩ ହଜାର ୩୭ଟି, ୩ ତାରିଖରେ ୮୩ ହଜାର ୬ଶହ, ୪ ତାରିଖରେ ୯୮ ହଜାର ୧୬ଟି ଏବଂ ୫ ତାରିଖରେ ୮୨ ହଜାର ୬୬୩ଟି, ୬ ତାରିଖରେ ୩୨ ହଜାର ୮୬୭ ଓ ୭ ତାରିଖରେ ୧ ହଜାର ୬୦୮ ମୋଟ ୩ ଲକ୍ଷ ୧ ହଜାର ୧୫୯ ମାଆ ଅଲିଭରିଡଲେ ଅଣ୍ଡା ଦେଇଥିବା ନେଇ ଏସିଏଫ ମାନସ କୁମାର ଦାସ ସୂଚନା ଦେଇଛନ୍ତି । ପ୍ରତିକୂଳପାଗ ଯୋଗୁଁ ଗୋଟିଏ ମାସ ପରେ କଇଁଛମାନେ ସମୂହ ଅଣ୍ଡାଦାନ କରିଛନ୍ତି । ଯାହା ଗହୀରମଥା ଇତିହାସରେ ପ୍ରଥମ ଘଟଣା ବୋଲି ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ କହିଛନ୍ତ । ସୂଚନାଯୋଗ୍ୟ ଯେ ମାଆ କଇଁଛମାନେ ବେଳାଭୂମିର ନରମ ବାଲି ରାଶିରେ ପଛପଟ ଗୋଡରେ ୧ ଫୁଟରୁ ଦେଢ଼ଫୁଟ ଗଭୀରର ମାଠିଆ ଆକୃତିର ଗାତ ଖୋଳଥାଏ । ଗାତ ଖୋଳିବା ପରେ ମାଆ କଇଁଛ ପ୍ରାୟ ୧୦୦ଟି ଉପରେ ଅଣ୍ଡା ଦେଇଥାଏ । ପ୍ରତ୍ୟେକ ଅଣ୍ଡାର ଆକାର ଗୋଟିଏ ପିଙ୍ଗ ପିଙ୍ଗ ବଲ ପରି । ଅଣ୍ଡାର ଖୋଳପା ନମନୀୟ ହୋଇଥିବାରୁ ଅଣ୍ଡା ଗଳିବା ସମୟରେ ତାହା ଫାଟିନଥାଏ । ଅଣ୍ଡା ଦେଇ ସାରିବା ପରେ ମାଆ କଇଁଛ ତାର ଗାତକୁ ବାଲି ଘୋଡାଇ ଲୁଚାଇ ପକାଏ ଓ ସମୁଦ୍ରକୁ ଫେରିଯାଏ । ସୂର୍ଯ୍ୟଙ୍କ ଉତାପରେ ଉଷୁମ ହୋଇ ଅଣ୍ଡା ଗୁଡିକରୁ ୪୫ ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାନ୍ତି । ବିରଳ ଅଲିଭ ରିଡଲେ କଇଂଛଙ୍କ ଗଣ ଅଣ୍ଡାଦାନ ସମୟରେ ଏମାନଙ୍କ ସୁରକ୍ଷା ଦେବା ପାଇଁ ଗହୀରମଥା ବନକର୍ମଚାରୀମାନେ ସୁରକ୍ଷା ବ୍ୟବସ୍ଥା କଡାକଡି କରିଛନ୍ତି । ଅଣ୍ଡାଦାନ ସ୍ଥଳକୁ ବାଡ ବୁଜାଯିବା ସହ ବନ କର୍ମଚାରୀମାନେ ଅଣ୍ଡାଦାନ ସ୍ଥଳକୁ ଜଗି ରହିଛନ୍ତି । ରାଜନଗର ଓ ଭଦ୍ରକ ଡିଭିଜନ ପକ୍ଷରୁ ଅଲିଭ ରିଡଲେଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଗତବର୍ଷ ୫ ଲକ୍ଷ ୧୨ ହଜାର ୧୩୫ ମାଆ କଇଁଛ ଗଣ ଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଥିବା ବେଳେ ଚଳିତବର୍ଷ ୩ ଲକ୍ଷ ୧ ହଜାର ୧୫୯ କଇଁଛ ଗଣ ଅଣ୍ଡାଦାନ କରିଛନ୍ତି । ବିଶ୍ୱ ତାପନ ଓ ଜଳବାୟୁର ଅହେତୁକ ପରିବର୍ତନ ଯୋଗୁଁ କଇଁଛ ମାନଙ୍କ ଜୀବନ ଶୈଳୀ ଉପରେ ତାର ପ୍ରଭାବ ପଡିଥିବାରୁ ଚଳିତବର୍ଷ କଇଁଛ ମାନଙ୍କ ଗଣ ଅଣ୍ଡାଦାନ ବିଗତ ୫ ବର୍ଷ ମଧ୍ୟରେ ସବୁଠୁ କମ୍ ସଂଖ୍ୟକ କଇଁଛ ଚଳିତ ବର୍ଷ ଗଣ ଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଛନ୍ତି ।